# ନିର୍ଦ୍ଧାରିତ ସମୟରେ ହେବ ପତାକା ଉତ୍ତୋଳନ



## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ,୫।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଅନୁଗୋଳ ପିଟିସି ପଡିଆ ଠାରେ ଆୟୋଜନ କରାଯିବ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ସକାଳ ୬ଟା ୩୦ରୁ ୭ ଘଟିକା ମଧ୍ୟରେ ପ୍ରଭାତଫେରୀ, ସକାଳ ୭ଟା ୩୦ରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୯ଟା ୧୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ ସହ ଜିଲାସ୍ତରୀୟ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାପୂର୍ବରୁ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆସନ୍ତା ୧୨ ଓ ୧୩ ତାରିଖରେ ଆୟୋଜିତ ହେବ। ଇଂଲିଶ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା(ତର୍କ) ଓ ପ୍ରି–ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ (ରଙ୍ଗଭରୋ) ପ୍ରତିଯୋଗିତା ୧୩ ତାରିଖରେ ଅନୁଷ୍ଠିତ ହେବ। ଏହାଛଡ଼ା ପରେଡ ଅଭ୍ୟାସ ଚଳିତ ମାସ ୨୨, ୨୩ ଓ ୨୪ ତାରିଖରେ ପିଟିସି ପଡିଆରେ ସକାଳ ୮ ଘଟିକାରେ ଅନୁଷ୍ଠିତ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲାପାଳ ବରଣେନ୍ଦୁ ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# କ୍ରିଏଟିଭ ଟେକ୍ନୋ ପକ୍ଷରୁ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପ୍ରଦର୍ଶନୀ

ଅନୁଗୋଳ,୫।୧(ଅମିତ କୁମାର ସାମଲ)

ଅନୁଗୋଳରେ ଥିବା କ୍ରିଏଟିଭ ଟେକ୍ନୋ କଲେଜ ପକ୍ଷରୁ ପ୍ରଥମ ଥର ପାଇଁ କେନ୍ଦ୍ରୀୟ ଓଡ଼ିଶାରେ ଟେକ୍ଫେଷ୍ଟ – ୧.୦ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନ ଭିନ୍ନ ବିଦ୍ୟାଳୟ, କଲେଜ ଏବଂ କୋଚିଂ ଅନୁଷ୍ଠାନର ୫୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।୧୩ ଟି ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ପ୍ରକଳ୍ପ ଏବଂ ୬ଟି ବ୍ୟବସାୟ ଶ୍ରେଣୀ ମଡେଲ ପ୍ରକଳ୍ପ ଉପସ୍ଥାପନ କରାଯାଇ ରାଜ୍ୟର ସୂଚନା ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମକୁ ବୃଦ୍ଧି ସହ ଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏହା ଅଂଶଗ୍ରହଣକାରୀଙ୍କୁ ନେଟୱାର୍କ ବିଷୟରେ ଜ୍ଞାନ ଯୋଗାଇବ, ସହଭାଗିତା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶିକ୍ଷା, ବଜାର ଅନୁସନ୍ଧାନ, ଅନ୍ତର୍ଦୃଷ୍ଟି ଏବଂ ସେମାନଙ୍କର ମାପକୁ ଉନ୍ନତ କରିବ ବୋଲି କହିଥିଲେ। ଏହି ଅବସରରେ କଲେଜର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ କହିଥିଲେ, କାର୍ଯ୍ୟକ୍ରମ ମାଧ୍ୟମରେ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା କର୍ମଚାରୀ ମାନସ ରଞ୍ଜନ ମହାନ୍ତି କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା, ମେଶିନ ଲର୍ନିଂ ଏବଂ ବିଗ୍ ଡାଟା ଭଳି ଟେକ୍ନୋଲୋଜିର ଆବିର୍ଭାବ ସହିତ ସୂଚନା ପ୍ରଯୁକ୍ତିବିଦ୍ୟା ସ୍ଥାନ ଦ୍ରୁତ ପରିବର୍ତ୍ତନ ଘଟୁଛି। ଅନ୍ୟମାନଙ୍କ ମଧ୍ୟରେ ଯୁବ ପ୍ରଫେସନାଲ ସୁନୀତା ରାନୀ, କଲେଜ ଉପାଧ୍ୟକ୍ଷ ପ୍ରଫେସର ଭବାନୀ ଶଙ୍କର ସାହୁ, ଅଧ୍ୟାପକ ଶୁଭ୍ରଜ୍ୟୋତି ବେହେରା, ଅଭିଜିତ ଜେନା, ପ୍ରିୟଦର୍ଶନ ପ୍ରଧାନ, ଶଙ୍କର ଚୈତନ ଜେନା, ଆଶୁତୋଷ ସାହୁ ଏବଂ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଆଲିଶା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ କ୍ରିଷ୍ଣାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିଳ୍ପ ବିଶେଷଜ୍ଞ ତଥା ଶ୍ରେଷ୍ଠ ବକ୍ତାମାନଙ୍କ ଦ୍ୱାରା ସର୍ବୋତ୍ତମ ପ୍ରକଳ୍ପଗୁଡିକ ପାଇଁ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।



# ୯ରୁ ମହୋତ୍ସବ, ଝୁମିବେ ଆଠମଲ୍ଲିକବାସୀ

ଆଠମଲ୍ଲିକ,୫।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମିନିଷ୍ଟାଡିୟମଠାରେ ଆସନ୍ତା ୯ ତାରିଖରୁ ଅନୁଷ୍ଠିତ ହେବ ଆଠମଲ୍ଲିକ ମହୋତ୍ସବ। ଏହା ୩ ଦିନ ଧରି ଚାଲିବ। କରୋନା ସମୟରୁ ୫ ବର୍ଷ ହେଲା ଆଠମଲ୍ଲିକରେ କୌଣସି ପ୍ରକାର ବଡ଼ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିବାରୁ ଆସନ୍ତା ମହୋତ୍ସବକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ଆଠମଲ୍ଲିକ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ମହୋତ୍ସବକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ବୈଠକ କରିଥିଲେ। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅର୍ଚ୍ଚନା ପାଢ଼ୀ, ଅରିନ୍ଦମ ଚକ୍ରବର୍ତ୍ତୀ, ରାଜ ବର୍ମାନ, ଉମାକାନ୍ତ ବାରିକ, ଜେ.ଆର.ଏମ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଅନୁଗୋଳିଆ ବର୍ଷିଙ୍କ କମେଡି ଓ ଗୀତରେ ଷ୍ଟେଜ ଦୁଲୁକିବ। ଆସନ୍ତା ୮ ତାରିଖ ସୋମବାର ଅନୁଗୋଳ ମହୋତ୍ସବ ଓ ଆଠମଲ୍ଲିକ ମହୋତ୍ସବ ପାଇଁ ଶୈବପୀଠ ଦେଉଳଝରିରେ ମଶାଲରେ ଅଗ୍ନି ସଂଯୋଗ କରାଯାଇ ଧୁମଧାମରେ ମଶାଲ ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ଜନସାଧାରଣ ସହଯୋଗ କରିବାକୁ ଉପଜିଲାପାଳ ପାତ୍ର ଅନୁରୋଧ କରିଛନ୍ତି।




# ବିନା ହେଲମେଟ୍‌ରେ ବାଇକ୍ ଚଳାନ୍ତୁ ନାହିଁ



ଆଠମଲ୍ଲିକ,୫।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଶୁକ୍ରବାର ପରିବହନ ଓ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ସମ୍ମାନିତ ଅତିଥି ଭାବେ ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ ସେଠୀ, ଆଇଆଇସି ଚିତ୍ତରଞ୍ଜନ ବେହେରା, ପରିବହନ ବିଭାଗ କର୍ମଚାରୀ ଗଗନ ପରିଜା ପ୍ରମୁଖ ଯୋଗଦେଇ ବିନା ହେଲମେଟ୍‌ରେ ଗାଡି ନ ଚଳାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସଡ଼କ ସୁରକ୍ଷା ବାର୍ତ୍ତା ଜନସାଧାରଣଙ୍କୁ ପ୍ରଦାନ କରିଥିଲେ। ରାଲିରେ ପୋଲିସ ଓ ପରିବହନ ଅଧିକାରୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ବିନୟ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ବସ୍ ମାଲିକ ସଂଘ ସମ୍ପାଦକ ରୁଷଭ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାର୍ଥୀବାହିନୀର କ୍ୟାଡେଟମାନେ ସହଯୋଗ କରିଥିଲେ।

# ଜାତୀୟସ୍ତରରେ ବଲ ବ୍ୟାଡ୍ ମିଣ୍ଟନ ଖେଳିବେ ଶୁଭଶ୍ରୀ

ବଇଣ୍ଡା,୫।୧(ପରିକ୍ଷିତ ସାହୁ)



କିଶୋରନଗର ବ୍ଲକ ଡିମିରିମୁଣ୍ଡା ଗ୍ରାମର ଶୁଭଶ୍ରୀ ବଡ଼ମାଳି ଶନିବାର ନାଗପୁରର ଯଦପୁରଠାରେ ଜାତୀୟସ୍ତରୀୟ ହେଉଥିବା ବଲ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରେ ଖେଳିବା ପାଇଁ ଚୟନ ହୋଇଛନ୍ତି। ସେ ଓଡ଼ିଶା ସିନିୟର ବାଳିକା ବଲ ବ୍ୟାଡ୍‌ମିଣ୍ଟନ ଟିମ୍‌ରେ ସ୍ଥାନ ପାଇଛନ୍ତି। ୯ ଜଣ ଖେଳାଳିଙ୍କ ମଧ୍ୟରେ ଅନୁଗୋଳ ଜିଲାରୁ ଶୁଭଶ୍ରୀ ସ୍ଥାନ ପାଇଛନ୍ତି। ଶୁକ୍ରବାର ସେ ନାଗପୁର ଅଭିମୁଖେ ଯାତ୍ରା କରିଥିବାବେଳେ ଅନୁଗୋଳ ବାଳିକା ବ୍ଲକ ବ୍ୟାଡ଼ମିଣ୍ଟନ ଟିମ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କିଶୋରନଗର ଅଞ୍ଚଳର ଶୁଭଶ୍ରୀ ଜାତୀୟସ୍ତରରେ ଖେଳିବା ପାଇଁ ଚୟନ ହୋଇଥିବା ଯୋଗୁ କିଶୋରନଗର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଶୁଭଶ୍ରୀ କିଶୋରନଗର କଲେଜରେ ଯୁକ୍ତ ୨ରେ ପଢୁଥିବାବେଳେ କଲେଜରେ ଥରେ ବଲ ବ୍ୟାଡ୍ ମିଣ୍ଟନ ଖେଳିବା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ପରେ ସେ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ବଲ ବ୍ୟାଡ଼ମିଣ୍ଟନ ଖେଳି ନାଁ କରିଛନ୍ତି। ସେ ଡିମିରିମୁଣ୍ଡା ଅଞ୍ଚଳର ପ୍ରଦୀପ ବଡ଼ମାଳି, ପୁଷ୍ପାଞ୍ଜଳି ବଡ଼ମାଳିଙ୍କ ଝିଅ। ଏହି ସଫଳତା ପାଇଁ ତାଙ୍କୁ କିଶୋରନଗରବାସୀ ଶୁଭେଚ୍ଛା ଜଣାଇଛନ୍ତି।

# କଣିହାଁରେ କୃଷି ମୃତ୍ତିକା ମେଳା



କଣିହାଁ,୫।୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ଧୋବାପାଳ ଗ୍ରାମେଶ୍ୱରୀ ପୀଠ ନିକଟରେ ଶୁକ୍ରବାର ବ୍ଲକ କୃଷି ବିଭାଗ ତରଫରୁ କୃଷି ମୃତ୍ତିକା ମେଳା ଅନୁଷ୍ଠିତ ହୋଇଥିଲା। ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଅନୁଗୋଳ କୃଷିକେନ୍ଦ୍ରର ଗବେଷକ ଡକ୍ଟର ଦେବାଶିସ ମିଶ୍ର, ମୃତ୍ତିକା ରସାୟନବିତ୍ ସ୍ମିତାରାଣୀ ବେହେରା, ତାଳଚେର ବ୍ଲକ କୃଷି ଅଧିକାରୀ ନାରାୟଣ ସାହୁଙ୍କ ସମେତ ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତିସଭ୍ୟା ମିନାକ୍ଷୀ ସାହୁ, କିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କଣିହାଁ ବ୍ଲକ କୃଷି ସହାୟକ ଅଧିକାରୀ ଅନୁଜ ରାଉତ, କୃଷି ଗ୍ରାମ ସେବକ ମାନଗୋବିନ୍ଦ ସାହୁ, ଅବିନାଶ ପ୍ରଧାନ, ଲକ୍ଷ୍ମୀ ଖାଲକା, ପୀତବାସ ସାହୁ, କୃଷିସାଥୀ ନେଙ୍କୁରୀଆ ବେହେରା, ଭାଗୀରଥି ସାହୁ, ଧୋବାପାଳ ଗ୍ରାମ ସଭାପତି ଭୀମ ସାହୁ, ସମ୍ପାଦକ ସଦାନନ୍ଦ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ବଇଣ୍ଡା,୫।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ବାତ୍ରାଖୋଲ ଗ୍ରାମରେ ଗୁରୁବାର ହାତୀ ଉପଦ୍ରବ ଲାଗି ରହିଛି। ସ୍ଥାନୀୟ ଜଙ୍ଗଲରୁ ହାତୀପଲ ଆସି ଗ୍ରାମରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବିଶେଷକରି ଧାନ ଖଳାରେ ପଶି ବେଙ୍ଗଳା ପାଇଁ ଥିବା ଧାନ ଗୁଡିକକୁ ନଷ୍ଟ କରିଛନ୍ତି। ଏଥିସହ ଗ୍ରାମର ଆଲୋକ ପ୍ରଧାନ, ହାଡିବନ୍ଧୁ ସାହୁ, ଶନ୍ତୁ ବାରିକ, ପ୍ରତିମା ସାହୁଙ୍କ ଫସଲ ନଷ୍ଟ କରିଛନ୍ତି। ସେହିପରି ଗ୍ରାମର ଚାଷୀମାନଙ୍କ ବାଡ଼ିରେ ହୋଇଥିବା ପନି ପରିବା ଚାଷ ନଷ୍ଟ କରୁଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପରାମର୍ଶ

ବଇଣ୍ଡା,୫।୧(ପରିକ୍ଷିତ ସାହୁ)

ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟୁଛି। ଏପରିକି ଅନେକ ନିରୀହ ଲୋକଙ୍କ ଜୀବନ ଚାଲିଯାଉଛି। ତେଣୁ ସମସ୍ତେ ଗାଡ଼ି ଚାଳକମାନେ ଏଥିରୁ ନିବୃତ୍ତ ରୁହନ୍ତୁ। ସେହିପରି ବାଇକ୍ ଚାଳକମାନେ ସବୁବେଳେ ହେଲମେଟ୍ ପିନ୍ଧି ଗାଡି ଚଳାଇଲେ ସୁରକ୍ଷିତ ରହିବେ। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଏଥିରେ ପରିବହନ ବିଭାଗର ଏମ୍‌ଭିଆଇ ଦିବ୍ୟଜ୍ୟୋତି ମହନ୍ତ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭୁରଞ୍ଜନ ନାୟକ, ସୁମନ୍ତ ସେଠୀ, ଗଗନ ପରିଜା, ଠାକୁରଗଡ଼ ଆଇଆଇସି ନଟବର ନନ୍ଦ, ସେକେଣ୍ଡ ଅଫିସର ମାନସ ମିଶ୍ର, ଏଏସ୍‌ଆଇ ଯଶୋବନ୍ତୀ ନାୟକ, ନୂରୁଲ ହକ, ଏସ.କେ. ଦେହୁରି, ପୂର୍ବତନ ସରପଞ୍ଚ ଅନାମ ସ୍ୱାଇଁ, ଶତ୍ରୁଘ୍ନ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ଠାକୁରଗଡ଼ ଗ୍ରାମ ପରିକ୍ରମା କରି ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସଚେତନତା ବାର୍ତ୍ତା ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ଏପରିକି ବାଇକ୍ ଆରୋହୀଙ୍କୁ ଅଟକାଇ ଗୋଲାପ ଫୁଲ ଦେଇ ନିରାପଦରେ ଗାଡି ଚଳାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ଗ୍ରାମବାସୀ ଉପସ୍ଥିତ ଥିଲେ।



# ସାପ୍ତାହିକ ହାଟ ଉଦ୍‌ଘାଟିତ

ଖମାର,୫।୧ (ରଜନୀକାନ୍ତ ମହାରଣା)

ପାଲଲହଡା ବ୍ଲକ ଶଙ୍ଖପୁର ଗ୍ରାମରେ ନୂତନ ସାପ୍ତାହିକ ହାଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଞ୍ଚଳରେ ପୂର୍ବରୁ ହାଟ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ହେବ ଦାବି କରି ଆସୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନ ଦାବି ପୂରଣ ହୋଇଥିବାରୁ ସେମାନେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ଦେହୁରୀ ଓ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ନୀଳମାଧବ ପ୍ରଧାନ, ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ଟୁନା ବିଶ୍ୱାଳ, ପଞ୍ଚାୟତ ଅଧିକାରୀ ଶୁକ୍ଳୁ ସାହୁ, ପବିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ବୈଠକ

ବଇଣ୍ଡା,୫।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର କୃଷି ସଙ୍ଗଠନ ଜୀବନଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ଗୁରୁବାର ଜଏରାଟ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ, ଲକ୍ଷ୍ମଣ ଭୋଇ, ରମେଶ ଲୁହା, ରବୀନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗ ଦେଇ ସୁରେଶ୍ୱରୀ ଜଳ ସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୧୦ ତାରିଖରେ ଏକ ସାଧାରଣ ସଭା ପରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଜିଲାରେ ଯୋଡ଼ିହେଲେ ୪୫,୯୯୭ ନୂଆ ଭୋଟର

ଅନୁଗୋଳ,୫।୧ (ଅମିତ କୁମାର ସାମଲ)




ଅନୁଗୋଳ ଜିଲାର ମୋଟ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ୧୧୬୨ ବୁଥ୍ ଅଧୀନରେ ୯ଲକ୍ଷ ୬୩ ହଜାର ୫୧୮ ଜଣ ଭୋଟର ରହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏହି ଚୂଡାନ୍ତ ତାଲିକା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରକାଶ କରାଯାଇଛି। ଏହି ତାଲିକା ମୁତାବକ ଜିଲାରେ ଥିବା ମୋଟ ଭୋଟରଙ୍କ ମଧ୍ୟରୁ ୪ ଲକ୍ଷ ୯୫ ହଜାର ୮୦୯ ଜଣ ପୁରୁଷ ହୋଇଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ହେଉଛି ୪ଲକ୍ଷ ୬୭ ହଜାର ୫୭୭। ୧୩୨ ଜଣ ତୃତୀୟ ଲିଙ୍ଗୀ ଭୋଟର ପଞ୍ଜୀକୃତ ହୋଇଥିବା ବେଳେ ବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୧୧୬୨। ଗତବର୍ଷ ଅକ୍ଟୋବର ୨୭ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପରେ ଏହି ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମରେ ପୂର୍ବରୁ ଥିବା ୯ ଲକ୍ଷ ୨୯ ହଜାର ୭୭୮ ଜଣ ଭୋଟରଙ୍କ ମଧ୍ୟରୁ ୧୨ ହଜାର ୨୫୭ ଜଣ ବାଦ ପଡିଥିବା ବେଳେ ୪୫ ହଜାର ୯୯୭ ଜଣ ରେକର୍ଡ ସଂଖ୍ୟକ ଭୋଟର ଯୋଡି ହୋଇଛନ୍ତି। ସେଥିମଧ୍ୟରୁ ୧୮ ରୁ ୧୯ ବର୍ଷ ବୟସର ନୂତନ ଭୋଟର ହେଉଛନ୍ତି ୨୬ ହଜାର ୧୯୫। ସେହିପରି ପୁରୁଷ ଓ ମହିଳା ଭୋଟରଙ୍କ ଅନୁପାତ ୯୨୫ ରୁ ବଢି ୯୪୩ ହୋଇଛି ବୋଲି ଜିଲା କାର୍ଯ୍ୟାଳୟ ନିର୍ବାଚନ ଉପ–ବିଭାଗ ସୂତ୍ରରୁ ପ୍ରକାଶ। ଏହି ବୈଠକରେ ଉପସ୍ଥିତ ଥିବା ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଜିଲାପାଳ ସ୍ୱାଗତ କରିବା ସହ ନିର୍ବାଚନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଉପଜିଲାପାଳ ବରଣେନ୍ଦୁ ମହାନ୍ତି, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ସହକାରୀ ଜିଲାପାଳ ସୁକାନ୍ତ କୁମାର ସାହୁଙ୍କ ସମେତ ବିଜୁ ଜନତା ଦଳର ସଦାନନ୍ଦ ପଣ୍ଡା ଓ ବୃନ୍ଦାବନ ସ୍ୱାଇଁ, ଭାରତୀୟ ଜନତା ପାର୍ଟିର ପଞ୍ଚାନ କୁମାର ମାଣ୍ଡୋଠିଆ, ଗଙ୍ଗାଧର ପଟ୍ଟନାୟକ ଓ ଅରୁଣ କୁମାର ବିଶ୍ୱାଳ, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଚିତ୍ତରଞ୍ଜନ ନାଏକ ଏବଂ ବହୁଜନ ସମାଜପାର୍ଟିର ସତ୍ୟବାନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଶୀତୁଆ ରାତିରେ ମନ ମୋହିଲା ଆଧୁନିକ ସଙ୍ଗୀତ

**ପାଲଲହଡା,୫।୧(ଦିବ୍ୟଜ୍ୟୋତି ଦାଶ)**

### ମାଲ୍ୟଗିରି ମହୋତ୍ସବ ଉଦ୍‌ଘାଟିତ

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଶୁକ୍ରବାର ମାଲ୍ୟଗିରି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଲୋକକଳା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବାର ପ୍ରୟାସ ଏହିପରି ଭାବେ ବଜାୟ ରହୁ ବୋଲି ନିଜ ଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଯୁବ କଲ୍ୟାଣ ପରିଷଦର ଅଧ୍ୟକ୍ଷ କୁନ ବିହାରୀ ଦାସ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି, ଇନ୍ଦ୍ରାଣୀ ହେମ୍ବ୍ରମ, ରଶ୍ମିତା ବେହେରା, ପାଲଲହଡା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପାଲଲହଡା ବିଧାୟକ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ମୁକେଶ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଉପଜିଲାପାଳ ତଥା ମହୋତ୍ସବ କମିଟିର ଆବାହକ ସୁଶାନ୍ତ କୁମାର ପତି ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ମାଲ୍ୟାଗିରି ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟସଂସ୍କୃତି ବିଭାଗ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଞ୍ଚଳିକ କଳାକାରଙ୍କ ନୃତ୍ୟ ପରିବେଷଣକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଅନ୍ୟପଟେ ଶୀତୁଆ ରାତିରେ ଓଲିଉଡ୍ ଗାୟକ ହ୍ୟୁମାନ ସାଗରଙ୍କ ସଙ୍ଗୀତ ପରିବେଷଣ ଏବଂ ହାସ୍ୟ ଅଭିନେତା ଫନି ଅନୁଗୋଳିଆ ସିପୁଙ୍କ ହାସ୍ୟ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା।


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ମାଲ୍ୟଗିରି ମହୋତ୍ସବ ଉଦ୍‌ଘାଟନୀ ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ

**ଆଠମଲ୍ଲିକ,୫।୧(ଉଦୀପ୍ତ ପୁରୋହିତ)**

କେନ୍ଦ୍ର ସରକାରଙ୍କ ଦ୍ୱାରା ଗାଡ଼ି ଚାଳକମାନଙ୍କ ବିରୋଧରେ ଯେଉଁ ଆଇନ ସଂସଦରେ ଗୃହୀତ କରାଯାଇଛି, ତାହାକୁ ପ୍ରତ୍ୟାହାର କରିବା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଶୁକ୍ରବାର ଆଠମଲ୍ଲିକଠାରେ ଆନ୍ଦୋଳନ କରାଯାଇଛି। ଗାଡିଚାଳକମାନେ ଆଠମଲ୍ଲିକ ସହରର ହନୁମାନ ବଜାର ଓ ବସ୍‌ଷ୍ଟାଣ୍ଡଠାରେ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ଆନ୍ଦୋଳନରେ ଓଡ଼ିଶା ଡ୍ରାଇଭର ମହାସଂଘ ଆଠମଲ୍ଲିକ ଶାଖା ସଭାପତି ଅବନୀ କୁମାର ମେଣ୍ଡୁଲି, ସମ୍ପାଦକ ସତ୍ୟନାରାୟଣ ସାହୁ, ଉପସଭାପତି ରାଜୀବ ଲୋଚନ ସିଂ, କୁନ୍ଦନ ଖାନ, ସୀତେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଇଣ୍ଡିଆନ ଫେଡେରେଶନ ଅଫ ଟ୍ରେଡ ୟୁନିୟନ ବା ଆଇଏଫଟିୟୁର ଜିଲା ସମ୍ପାଦକ ଧର୍ମେନ୍ଦ୍ର ବେହେରା, ଶୂନ୍ୟବାସୀ ମୁଣ୍ଡା, ଦିଲୀପ ଡାଙ୍ଗ, ସନ୍ତୋଷ ସାହୁ, ଜ୍ଞାନରଞ୍ଜନ ଡାଙ୍ଗ, ବୁଦ୍ଧୁ ମୁଣ୍ଡା, କାପୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ଡ୍ରାଇଭର ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଆନ୍ଦୋଳନ କରାଯାଉଛି।

# ମ୍ୟାଟ୍‌ସୋଗି-ଡୋରେ ୨ ଭଉଣୀଙ୍କ ସଫଳତା

**କାମାକ୍ଷାନଗର,୫।୧(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲର ୨ ଛାତ୍ରୀ ବୁସରା ଇରମ ପରବିନ ଓ ରିନଜ ଅଗସା ପରବିନ ୧୮ତମ ଜାତୀୟସ୍ତର ମ୍ୟାଟସୋଗି-ଡୋ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଛନ୍ତି। ହରିୟାଣାସ୍ଥିତ କୁରୁକ୍ଷେତ୍ର ବିଶ୍ୱ ବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଡିସେମ୍ବର ୨୯, ୩୦ ଓ ୩୧ରେ ମ୍ୟାଟସୋଗି-ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରିନଜ ଅଗସା ପରବିନ ୪୫ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ବୁସରା ଇରମ ପରବିନ ୫୫ କେଜି ବର୍ଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଦୁଇଭଉଣୀ କାମାକ୍ଷାନଗର ଲକ୍ଷ୍ମୀ ବଜାରର ସୟଦ ଅଖତର ଅଲ୍ଲୀଙ୍କ ଝିଅ। ବୁସରା ନବମ ଓ ରିନଜ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି। ମା' ରେଶମାତୁନ ନିଶା କେକ କାଟି ଉଭୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ୨ ଭଉଣୀଙ୍କ ସଫଳତା ପାଇଁ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି।


୪୫ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ରିନଜ ଅଗସା ପରବିନ (ବାମରୁ ଦ୍ୱିତୀୟ)

# କୃଷ୍ଣାମୟୀ ଡ୍ୟାନ୍ସ ଗ୍ରୁପ୍‌ର ସଫଳତା

**କାମାକ୍ଷାନଗର,୫।୧(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ ହଲରେ ଢେଙ୍କାନାଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ତ୍ରିରଙ୍ଗା-ସୁପ୍ରଭାତ ପକ୍ଷରୁ ୨୩ ତମ ପ୍ରତିଭା ସମ୍ମାନ ଓ ସ୍ୱାଗତମ-୨୦୨୪ ଉତ୍ସବର ଦଳଗତ ନୃତ୍ୟ ପ୍ରତିଯୋଗିତାରେ କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର 'କୃଷ୍ଣାମୟୀ ଡ୍ୟାନ୍ସ ଗ୍ରୁପ୍' ସ୍ୱତନ୍ତ୍ର ଜୁରୀ ଆୱାର୍ଡରେ ପୁରସ୍କୃତ ହୋଇଛି। ଅତିଥି ଭାବେ ପୌରାଧ୍ୟକ୍ଷ ଜୟନ୍ତୀ ପାତ୍ର, ପୌରଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପଦେଷ୍ଟା ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ଡ୍ୟାନ୍ସ ଗ୍ରୁପର କୃତୀ ଛାତ୍ରୀ ଶୁଭଶ୍ରୀ, ବର୍ଷା, ପାୟଲ, ଶ୍ରେୟା, ବିଦ୍ୟୁସ୍ମିତା, ଲିପି, ଆଶା ଓ ଶ୍ରାବଣୀଙ୍କୁ ପୁରସ୍କୃତ କରିଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର କୃତୀ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ଗାଇଡ୍ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ଓ ନୃତ୍ୟ ନିର୍ଦ୍ଦେଶିକା କୃଷ୍ଣାମୟୀ ବିଶ୍ୱାଳଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଡ୍ୟାନ୍ସ ଗ୍ରୁପ୍ ବିଗତ ୩ ମାସ ଭିତରେ ଅଷ୍ଟମ ସଫଳତା ହାସଲ କରିଛି। ସେଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନନ୍ଦ ପ୍ରକାଶ କରିଛନ୍ତି।



# ଭାଜପାର ମିଶ୍ରଣ ପର୍ବ

**ମାଧପୁର,୫।୧(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାଖୁଡଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଯୋଗ ଦେଇଥିଲେ। ୫ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ବିଜେଡି ନେତା ମହେନ୍ଦ୍ର ମହାରଣା, ଲୁଣହାଣ୍ଡି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଶୁକଦେବ ଦଳବେହେରା ସମର୍ଥକଙ୍କୁ ନେଇ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ସେହିପରି ବର୍ତ୍ତମାନର ଲୁଣହାଣ୍ଡି ସମିତିସଭ୍ୟ ଦେବକାନ୍ତ ରଣଭୂଇଁଶା ମଧ୍ୟ ବିଜେଡି ଛାଡ଼ି ପୂର୍ବଦଳ ଭାଜପାକୁ ଫେରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ମଣ୍ଡଳ ସଭାପତି ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂଆ ବଙ୍କୁଆଳ ନିକଟରେ ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ବିଜୟାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଜିଲା ସାଧାରଣ ସମ୍ପାଦକ ଭବାନୀପ୍ରସାଦ ଜ୍ୟୋତିଷରାୟ, ପୂର୍ବତନ ମଣ୍ଡଳ ସଭାପତି ଅମ୍ବିକା ଦେହୁରୀ, ଦୁଃଶାସନ ନାୟକ, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଉନ୍ନତ ପ୍ରଣାଳୀରେ ଆଖୁଚାଷ ପାଇଁ ତାଲିମ

**ପରଜଙ୍ଗ,୫।୧ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜୟପୁରା କାଟେଣୀ ପଞ୍ଚାୟତ ପଦ୍ମପୋଖରୀ ଗ୍ରାମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଚାଷୀମାନଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଓୟୁଏଟି ଶାଖା ମୁଖ୍ୟ ଭକ୍ତଚରଣ ଧୀର, ନୟାଗଡ଼ ଆଖୁ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଜ୍ୟୋତିରେଖା ପଟ୍ଟନାୟକ, ବୈଜ୍ଞାନିକ ପ୍ରଭାକିରଣ ଦାଶ, ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଖୁ ଚାଷକୁ କିଭଳି ଉନ୍ନତ ପ୍ରଣାଳୀରେ କରାଯାଇ ପାରିବ ସେ ଉପରେ ଉଦ୍‌ବୋଧନ ଦେଇଥିଲେ। ଆଖୁ ଚାଷୀମାନେ କିପରି ସରକାରୀ ସହାୟତା ପାଇ ଅଧିକରୁ ଅଧିକ ଉତ୍ପାଦନ କରିବା ସହ ଭଲ ରୋଜଗାର କରିପାରିବେ ସେ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର, ପରଜଙ୍ଗ, କଙ୍କଡାହାଡ଼ ଆଦି ବ୍ଲକର ଶତାଧିକ ଆଖୁଚାଷୀ ଯୋଗ ଦେଇଥିଲେ। ବରିଷ୍ଠ କୃଷି ବୈଜ୍ଞାନିକ ଡ. ସ୍ୱାଗତିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତାଲିମ ଶିବିରରେ ଉପସ୍ଥିତ ଶତାଧିକ ଆଖୁଚାଷୀ।

# ରାଜ୍ୟପାଳଙ୍କ ଗସ୍ତକୁ ନେଇ ସମୀକ୍ଷା

**ବଇଣ୍ଡା,୫।୧(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡାଠାରେ ନବନିର୍ମିତ ବଡଜଂଘା ଦେଓଙ୍କ ମନ୍ଦିର ପ୍ରତିଷ୍ଠା ଓ ଦାରୁ ବିଗ୍ରହ ସ୍ଥାପନ ଆସନ୍ତା ୧୪ ଓ ୧୫ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆସନ୍ତା ୧୪ ତାରିଖ ରବିବାର ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଯୋଗଦେବେ ବୋଲି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ସୂଚନା ଦେଇଛନ୍ତି। ଶୁକ୍ରବାର ଏ ନେଇ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ, ଠାକୁରଗଡ଼ ଆଇଆଇସି ନଟବର ନନ୍ଦ, ସେକେଣ୍ଡ ଅଫିସର ମାନସ ମିଶ୍ର ଅଞ୍ଚଳ ପରିଦର୍ଶନ କରିବା ସହ ରାଜ୍ୟପାଳଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ତଦାରଖ କରିଛନ୍ତି। କିଭଳି ରାଜ୍ୟପାଳଙ୍କ ଗସ୍ତ ସୁରକ୍ଷିତ ହେବ ସେ ନେଇ ପୋଲିସ ପକ୍ଷରୁ ସମୀକ୍ଷା କରାଯାଇଛି।



# ଯୁବକ ମୃତ୍ୟୁ, ୨ ପିଲା ଅସହାୟ

**ପରଜଙ୍ଗ,୫।୧(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ହାତିଲୁଟାଣି ଗ୍ରାମର ମିହିର ଭୋଇ(୩୫)ଙ୍କ ନାଳରେ ପଡ଼ି ମୃତ୍ୟୁ ହୋଇଛି। ମିହିର ଗାଁ ନିକଟରେ ଯାଇଥିବା ଘୋଡ଼ାଡ଼ିଆଁ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ପାଣିରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ପରଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡ଼ିକାଲ ପଠାଇଛି। ସେ ଦୁଇଦିନ ହେବ ନିଖୋଜ ଥିଲେ। ତେବେ ମିହିରଙ୍କ ମୃତ୍ୟୁ ପରେ ତାଙ୍କର ୨ ପୁଅ ଅସହାୟ ହୋଇପଡ଼ିଛନ୍ତି। କାରଣ ମିହିରଙ୍କ ସ୍ତ୍ରୀ ଦର୍ଶନୀ ଗତ ୪ ବର୍ଷ ହେବ ସ୍ୱାମୀ ଓ ଦୁଇ ପୁଅଙ୍କୁ ଛାଡ଼ି ବାପଘରକୁ ପଳାଇ ଯାଇଛନ୍ତି। ମିହିରଙ୍କ ଭାଇ ଦୁଇ ପୁତୁରାଙ୍କୁ ଆଶ୍ରୟ ଦେଇଛନ୍ତି। ପରଜଙ୍ଗ ଆରଆଇ ଆଲୋକ ଲେଙ୍କା କହିଛନ୍ତି, ଲିଖିତ ଭାବେ ପରିବାର ଲୋକେ ଆବେଦନ କରିବା ପରେ ସରକାରୀ ନିୟମ ମୁତାବକ ୨ ପିଲାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯିବ।

# ବ୍ୟବସାୟୀଙ୍କ ପରଲୋକରେ ଶୋକସଭା

**ଭାପୁର,୫।୧ (ରାଜକୁମାର ପ୍ରଧାନ)**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ବଜାରର ବରିଷ୍ଠ ବ୍ୟବସାୟୀ ପଦ୍ମଲୋଚନ ଦାସ(୯୦)ଙ୍କ ଗତ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ଏ ନେଇ ଶୁକ୍ରବାର ସକାଳେ ଭାପୁର ବଜାର ବଣିକ ସଂଘ ପକ୍ଷରୁ ଏକ ଶୋକସଭା ଲକ୍ଷ୍ମୀପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏଥିସହିତ ସକାଳଠାରୁ ଦିବା ୧ ଟା ପର୍ଯ୍ୟନ୍ତ ବଜାରର ଦୋକାନ ଗୁଡିକ ବନ୍ଦ ରଖାଯାଇଥିଲା। ପଦ୍ମଲୋଚନ ଗତ ୧୯୬୭ ମସିହାରେ ଭାପୁର ବଜାରରେ ପ୍ରଥମେ ଏକ ତେଜରାତି ଦୋକାନ ଆରମ୍ଭ କରିଥିଲେ। ତାଙ୍କ ପରଲୋକକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଶୋକସଭାରେ ଉପସ୍ଥିତ ବ୍ୟବସାୟୀମାନେ।

# ଝିଅ-ପୁଅଙ୍କ ଭିତରେ ଭେଦଭାବ ଦେଖନାହିଁ

**ଅନୁଗୋଳ,୫।୧(ଅମିତ ସାମଲ)**

### ଜିଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଜିଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମୀନତି ବେହେରା ଯୋଗଦେଇ ମହିଳା, ବିଶେଷକରି ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କୁ ସାମାଜିକ, ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ଅଗ୍ରସର କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ମହିଳା କମିଶନ ଗଠନ ହେବାର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟଜିତ ମିଶ୍ର ଯୋଗଦେଇ ସମାଜରେ ପରିବର୍ତ୍ତନ ଆଣିବାକୁ ହେଲେ ଝିଅ-ପୁଅଙ୍କ ଭିତରେ ଭେଦ ଭାବ ନ ରଖି ଉଭୟଙ୍କୁ ସମାନ ଭାବେ ଶିକ୍ଷା ଓ ସଂସ୍କାର ଦେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ବୈଠକରେ ମହିଳା କମିଶନର ପରାମର୍ଶଦାତା ଡ. ଏନ୍. ଟୁନା ସାହୁ, ସଦସ୍ୟା ସ୍ୱର୍ଣ୍ଣଲତା ସାମଲ ଓ ସିନିୟର ଫିଲ୍ଡ ଅଫିସର ଡିଏସ୍‌ପି ବିଜୟିନୀ ସିଂ ପ୍ରମୁଖ ଯୋଗଦେଇ ଘରୋଇ ହିଂସା, ଗୁଣି ଗାରେଡି ଆକ୍ଟ, ପୋକସୋ ଆଇନ, କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଆଇନ, ବାଲ୍ୟବିବାହ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୋଭିଡ ସମୟରେ ବିଭିନ୍ନ କ୍ଷେତ୍ରରେ ସେବା ଓ ସହାୟତା ପ୍ରଦାନ କରିଥିବା କୋଭିଡ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଙ୍ଗୀତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଆକ୍ସନ ଏଡ୍ ଜିଲା ସଂଯୋଜକ ସନ୍ତୋଷ ବେହେରା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।



# କ୍ରୀଡ଼ା ଜୀବନକୁ ଶୃଙ୍ଖଳିତ କରିଥାଏ


ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

## ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ସହରସ୍ଥିତ ମୁଖ୍ୟ ଷ୍ଟାଡିୟମଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ, ଜିଲା କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଅଭ୍ୟାସ ଦ୍ୱାରା ଶାରୀରିକ ସୁସ୍ଥତା ସହିତ ମାନସିକ ଶାନ୍ତି ମିଳିଥାଏ। ସଚେତନ ହୋଇ ସମନ୍ୱୟ ରକ୍ଷାକରି ଧ୍ୟାନର ସହିତ ଯେ କୌଣସି କ୍ରୀଡ଼ା ଅଭ୍ୟାସ ଦ୍ୱାରା କେହି ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ଲକସ୍ତରରେ ଆୟୋଜିତ କ୍ରିକେଟ୍, ଫୁଟବଲ, ହକି, କବାଡି, ଖୋଖୋ, ଭଲିବଲ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଥମ ଦିବସ ଖୋଖୋ ପ୍ରତିଯୋଗିତାର ପୁରୁଷ ବର୍ଗରେ ଓଡ଼ାପଡ଼ାର ଓରିୟର୍ସ ଚାମ୍ପିୟନ, କାଣ୍ଡବିନ୍ଧା ରନର୍ସଅପ୍, ପ୍ରଥମ ରନର୍ସଅପ୍ ଭାବେ ତୃତୀୟ ଦଳ କାଣ୍ଡବିନ୍ଧା ଜୁନିୟର, ଦ୍ୱିତୀୟ ରନର୍ସଅପ ଭାବେ କାଣ୍ଡବିନ୍ଧା ବାଉଁସର ଦଳ ସ୍ଥାନ ପାଇଥିଲେ। ସେହିପରି ମହିଳା ବର୍ଗର ଖୋଖୋ ଖେଳରେ ଗଁଦିଆର ବାଈଣିଆ ଚାମ୍ପିୟନ, କାଣ୍ଡବିନ୍ଧା ରନର୍ସଅପ, ଦ୍ୱିତୀୟ ରନର୍ସଅପ୍ ଭାବେ କାମାକ୍ଷାନଗର ରାୟନୃସିଂହପୁର ଓ ବେଗା ଖୋଖୋ ଦଳ ସ୍ଥାନ ବଜାୟ ରଖିଥିଲେ।

# ୨୧ ଦିନାଙ୍କ ଯୋଗନିଦ୍ରା ଉଦ୍‌ଯାପିତ

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର ତପୋବନ ମହିମା ପୀଠରେ ଗତ ଡିସେମ୍ବର ୧୪ ରୁ ଆରମ୍ଭ ହୋଇଥିବା ମହିମାସ୍ୱାମୀଙ୍କ ୨୧ ଦିନାଙ୍କ ଯୋଗନିଦ୍ରା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶିକା ଗୀତାଶ୍ରୀ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ମହିମା ତପୋବନ ପୀଠ ଏକ ନୈସର୍ଗିକ ଧର୍ମୀୟ ପର୍ଯ୍ୟଟନସ୍ଥଳ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲା ପ୍ରଶାସନ ସହଯୋଗରେ ପୀଠକୁ ବିଭିନ୍ନ ପୁଷ୍ପଲତାରେ ସୁସଜ୍ଜିତ କରାଯିବ। ଏହାର ପରିବେଶ ଓ ସ୍ଥାନକୁ ଖାପ ଖୁଆଇ ଆଳଙ୍କାରିକ ପୁଷ୍ପବୃକ୍ଷ ଓ ଲତାରେ ତପୋବନ ପୀଠକୁ ବିମଣ୍ଡିତ କରାଯିବ। ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବା ମହିମାସ୍ୱାମୀଙ୍କ ୨୧ ଦିନ ଯୋଗନିଦ୍ରା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକୃତି ଓ ପରିବେଶ ସହ ମହିମା ଧର୍ମର ନିବିଡ଼ତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ଖଗେଶ୍ୱର ସାହୁ ମହିମା ଧର୍ମ ନାରୀ ପୁରୁଷଙ୍କୁ ସମାନ ଅଧିକାର ଦେଇଛି। ନାରୀମାନେ ଆଗକୁ ଆସିଲେ ସମାଜର ଯଥାର୍ଥ ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ସଭାରେ ଅଧ୍ୟକ୍ଷତା କରିଥିଲେ। ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମହିମାଜ୍ୟୋତି ପତ୍ରିକାର ସମ୍ପାଦକ ଶିକ୍ଷାବିତ୍ ବିରଞ୍ଚିନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାମୂହିକ ଆତ୍ମସେବା ଅନୁଷ୍ଠିତ ହୋଇଥିଲା।



# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ସହରର ବିଶିଷ୍ଟ ବ୍ୟବସାୟୀ ତଥା ଗୁପ୍ତା ଅଟୋମୋବାଇଲ୍ସ, ଏମ୍ଆର୍‌ଏଫ୍ ଶ୍ରୀବାଲାଜୀ ଟାୟାର୍ସ ଓ ନେଟ୍‌ମେଡ୍ସ ଓମ୍ ମେଡ୍ କେୟାରର ମୁଖ୍ୟ ଦୁର୍ଗାଚରଣ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଷ୍ଟେଶନରୋଡ୍ ସ୍ଥିତ ନିଜସ୍ୱ ବାସଭବନରେ ରହୁଥିଲେ। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୪ ପୁଅ, ୨ ଝିଅ, ଜ୍ୱାଇଁ, ନାତୁଣୀ ନାତି ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ମିଳିବା ପରେ ସହରରେ ଶୋକର ଛାୟା ଖେଳିଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।


ଦୁର୍ଗାଚରଣ ପଟ୍ଟନାୟକ (ଫାଇଲ ଫଟୋ)।

# ଦୁର୍ଘଟଣାରେ ୨ ଗୁରୁତର

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର କଲେଜ ବାଇପାସ୍ ଶିବ ମନ୍ଦିର ନିକଟରେ ଶୁକ୍ରବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦେବଗଡ଼ର କୌଶିକ କୁମାର ଦାସ(୨୨) ଓ ବିକାଶ ପ୍ରଧାନ(୨୨)। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁହେଁ ଦେବଗଡରୁ କଟକ ଆଡକୁ ଯାଉଥିବା ବେଳେ ରାଜପଥରେ ରାସ୍ତା ଉନ୍ନତୀକରଣ ପାଇଁ ଗୋଟିଏ ପାର୍ଶ୍ୱରେ ମାଟିପକାଯାଇଥିବା ବେଳେ ବାଇକଟି ଏହା ଉପରେ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଦୁଇ ସପ୍ତାହ ହେବ ରାଜପଥର କଲେଜ ବାଇପାସ ନିକଟରେ ଲଗାତର ଦୁର୍ଘଟଣା ଘଟୁଛି। ଏହାସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ, ପୋଲିସ, ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ଏହାକୁ ନେଇ ଚେତୁ ନ ଥିବା ଅଭିଯୋଗ ହେଉଛି।

# ରେଳଷ୍ଟେଶନ ରାସ୍ତା ପାଇଁ ଭିତ୍ତିପ୍ରସ୍ତର

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କାଇମାଟି ଠାରୁ ଗହମଖୁଣ୍ଟି ଦେଇ ଯୋରନ୍ଦା ରୋଡ ରେଳଷ୍ଟେଶନ ପର୍ଯ୍ୟନ୍ତ ସ୍ପେଶାଲ ଆସିଷ୍ଟାନ୍ସ ଟୁ ଷ୍ଟେଟ୍‌ସ ଫର କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟରେ ନୂତନ ରାସ୍ତା ନିର୍ମାଣ କରାଯିବ। ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଅତିଥି ଭାବେ ଯୋଗଦେଇ ଏହି ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୮ କିଲୋମିଟର ଲମ୍ବ ଏହି ରାସ୍ତାର ନିର୍ମାଣ ପାଇଁ ୭କୋଟି ୯୭ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ୯ମାସ ମଧ୍ୟରେ ଏହା ଶେଷ ହେବ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଉନ୍ନତୀକରଣ କାର୍ଯ୍ୟରେ ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥ କଡରେ ଥିବା ଶ୍ୟାମାଚରଣପୁର ପାସେଞ୍ଜର ହଲଟ ରେଳଷ୍ଟେଶନ ଠାରୁ ବୋରାପଦା ପର୍ଯ୍ୟନ୍ତ ୪.୨୦ କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ସାମଲ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ପାଇଁ ୪୪୫.୦୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ପରିଷଦ ସଦସ୍ୟା ଝରସ୍ମିତା ଦେହୁରୀ, କାଇମାଟି ସରପଞ୍ଚ ଅମିତ୍ ଜ୍ୟୋତି ସ୍ୱାଇଁ, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନରୋତ୍ତମ ସାହୁ, ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡା, ସମିତି ସଭ୍ୟ ବୈଦ୍ୟନାଥ ବେହେରା, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ଲଗନ ନାୟକ, ଆଭାସ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୋନାଲି ସୁଚରିତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାଇମାଟି-ଯୋରନ୍ଦା ରୋଡ୍ ରେଳଷ୍ଟେଶନ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ପୂର୍ବାହ୍ନ ସାଢ଼େ ୮ଟାରେ ପତାକା ଉତ୍ତୋଳନ

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ମହକୁମାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଦିନ ସକାଳ ୭ଟା ୩୦ରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଓ ନିଜସ୍ୱ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୭ଟା ୪୫ରେ ସହରର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ସାଢେ ୮ଟାରେ ମୁଖ୍ୟ ଷ୍ଟାଡିୟମଠାରେ ଜିଲାସ୍ତରୀୟ ପରେଡ ଉତ୍ସବ ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେଡ୍ ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଦେଶାତ୍ମବୋଧ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଅପରାହ୍ନରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ମ୍ୟୁଜିକାଲ ଚେୟାର ଏବଂ ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବିଭିନ୍ନ ପଞ୍ଜୀକୃତ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା କରାଯିବ। ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟଠାରେ ଅକ୍ଷମ କଲ୍ୟାଣ ସମିତି ଦ୍ୱାରା ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ବୈଠକ ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦଙ୍କ ସମେତ ବିଭିନ୍ନ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଖଣି ସୁରକ୍ଷା ପକ୍ଷ ପାଳିତ

ତାଳଚେର,୫।୧ (ମନୋଜ ନନ୍ଦ)

ତାଳଚେରସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମସିଏଲ)ର ଭୁବନେଶ୍ୱରୀ କୋଇଲାଖଣି ପ୍ରକଳ୍ପ ତରଫରୁ ଖଣି ସୁରକ୍ଷା ପକ୍ଷ ପାଳନ କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣି ପ୍ରକଳ୍ପ ଅଧିକାରୀ ପି.କେ. ମିଶ୍ର ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ଶ୍ରମିକମାନଙ୍କୁ କାର୍ଯ୍ୟରତ ସମୟରେ କିପରି ସୁରକ୍ଷିତ ରହି କାର୍ଯ୍ୟ କରିବେ ସେ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଖଣି ମ୍ୟାନେଜର ଆର.କେ. ଦାସ ଓ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଖଣି ପଦାଧିକାରୀମାନେ ମା’ ଭୁବନେଶ୍ୱରୀଙ୍କ ପୂଜା କରିବା ସହ ପ୍ରସାଦ ସେବନ କରିଥିଲେ। ଶେଷରେ ସମସ୍ତ କର୍ମଚାରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଖଣି ସୁରକ୍ଷା ଅଧିକାରୀ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହିଳା ଶାଖା ପକ୍ଷରୁ ନବବର୍ଷ ପାଳନ

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମ ମହିଳା ଶାଖା ପକ୍ଷରୁ ସହରସ୍ଥିତ କାଠଗଡାଠାରେ ଥିବା ଜରାଶ୍ରମରେ ଏକ ନିଆରା ଢଙ୍ଗରେ ନବବର୍ଷ ପାଳନ କରାଯାଇଛି। ଜରାଶ୍ରମରେ ବୃଦ୍ଧାବୃଦ୍ଧମାନଙ୍କ ଦ୍ୱାରା କେକ୍ କଟାଯାଇ ନବବର୍ଷ ପାଳନ କରାଯାଇଥିଲା। ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଶାଖା ଜିଲା ସଭାପତି ପ୍ରଭାତୀ ମହାପାତ୍ର, ଉପସଭାପତି ବନଜା ମାନସିଂହ, ମୋନାଲିସା ସାହୁ, ଝିଲୀ ଦାସ, ନଗର ସଭାପତି ଆୟୁଷୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫୋରମ ସମ୍ପାଦକ ଭରତ କୁମାର ଦାସ ଓ ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ଉପସ୍ଥିତ ଥିଲେ।


ସଚେତନ ନାଗରିକ ଫୋରମ ମହିଳା ଶାଖା ପକ୍ଷରୁ ନବବର୍ଷ ପାଳନ କରାଯାଉଛି।

# ସହରରେ ଭଗବତ ଶୋଭାଯାତ୍ରା

ଢେଙ୍କାନାଳ,୫।୧ (ରତନ ନାୟାର)

ବିଶ୍ୱ କଲ୍ୟାଣ ପାଇଁ ସଦାନନ୍ଦ ତତ୍ତ୍ୱଜ୍ଞାନ ପରିଷଦ ପକ୍ଷରୁ ଶୁକ୍ରବାର ସହରସ୍ଥିତ ଷ୍ଟେଶନ ବଜାରଠାରୁ କଲେଜ ଛକ ପର୍ଯ୍ୟନ୍ତ ଭଗବତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଉତ୍ତରପ୍ରଦେଶର ବାରବାଙ୍କି ଜିଲା ସିନ୍ଧୋରସ୍ଥିତ ସଦାନନ୍ଦ ତତ୍ତ୍ୱଜ୍ଞାନ ପରିଷଦର ମହାତ୍ମା କମଳ, ମହାତ୍ମା ଦିଲେଶ୍ୱରାନନ୍ଦ, ମହାତ୍ମା ଆବିଦ ଆଲମ ଖାଁ, ମହାତ୍ମା ଦଶରଥ, ମହାତ୍ମା ଶିବାନନ୍ଦ ସୁମନ, ମହାତ୍ମା ଦୀପକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଚାନ୍ଦା କିମ୍ବା ଦକ୍ଷିଣା ନ ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ମଣିଷ, ପଶୁପକ୍ଷୀ, କୀଟପତଙ୍ଗ ସମସ୍ତଙ୍କ ଶରୀରରେ ବନ୍ଦୀଥିବା ଜୀବକୁ ୮୪ଲକ୍ଷ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ କରିବା ପାଇଁ ତତ୍ତ୍ୱଜ୍ଞାନ ବିଷୟରେ ପ୍ରଶ୍ନ ପଚାରି ଜାଣିବାକୁ ଶନିବାରଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ କାଇମାଟି ଓ ଯୋରନ୍ଦା ମଧ୍ୟରେ ଥିବା ଛାଟିଆ ଆଶ୍ରମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦେବାଶିଷ ହୋତା ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।



ଭଗବତ ଶୋଭାଯାତ୍ରା ସହର ପରକ୍ରମା କରୁଛି।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସନ୍ତୁ

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା’ ଆନୁକୂଲ୍ୟରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଭାତ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦାନ କରି ଗ୍ରାମାଞ୍ଚଳରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାମାନେ ଲୋକଲୋଚନକୁ ଆସି ଦେଶ ଓ ରାଜ୍ୟସ୍ତରରେ ନିଜ ପ୍ରତିଭାର ପରିଚୟ ଦେଖାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ବାଲେଶ୍ୱରର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ମନୋରଞ୍ଜନ ମଲ୍ଲିକ. ଦୌଡ଼ରାଣୀ ଦ୍ୟୁତି ଚାନ୍ଦ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ଯୁବ ସରପଞ୍ଚ ଅରୁଣ କୁମାର ପରିଡ଼ା, ଚନ୍ଦ୍ରଶେଖରପ୍ରସାଦ ସରପଞ୍ଚ ସନ୍ତୋଷ ମହାପାତ୍ର ଓ କାଙ୍କଡପାଳ ସରପଞ୍ଚ ସୁବାସ ସ୍ୱାଇଁ ଉପସ୍ଥିତ ଥିଲେ। ଇଂଲିଶ ବିଭାଗ ଅଧ୍ୟାପକ ଗୁରୁଚରଣ ନାୟକ ସଭା ସଞ୍ଚାଳନ, ସଂସ୍କୃତ ବିଭାଗ ଅଧ୍ୟାପିକା ମମତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅଧ୍ୟାପକ ସୁବ୍ରତ କୁମାର ଇନ୍ଦ୍ରଜିତ୍ ସିଂ, ପ୍ରଭୁପ୍ରସାଦ ଜୀଉ, କସ୍ତୁରୀ ଜେଷ୍ଟି, କୃଷ୍ଣଚନ୍ଦ୍ର ମିଶ୍ର, ଯୁଗଳ କିଶୋର ରାଉତ, ସନ୍ତୋଷ କୁମାର ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

